# କବିବର ରାଧାନାଥ ରାୟଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ

୧୩ ସେପ୍ଟେମ୍ବର ୨୦୨୫ (ଶନିବାର)

ସ୍ଥାନ: କବିବର ଜନ୍ମପୀଠ, କେଦାରପୁର, ସୋର, ବାଲେଶ୍ୱର

---

## କାବ୍ୟପାଠ- କବିବର ରଚିତ 'ଦରବାର' କାବ୍ୟାଂଶ

ବୋଇଲେ-"ଏ ପ୍ରାଣ ଗଲେ ପିଣ୍ଡଛାଡ଼ି, ନେବ ଯେବେ ମୋତେ କୋକେଇରେ ବାଢ଼ି ।
ଦେଇଥିବ ତହିଁ ମୋ ଶବ ଶୁଆଇ, ବେନି ପାଶେ ବେନି କରକୁ ଝୁଲାଇ ।
ଯା ଦେଖି ଜାଣିବେ ଜଗତେ ସମସ୍ତେ, ଆସିଥିଲି ଫେରିଗଲି ଶୂନ୍ୟହସ୍ତେ ।"
ଏହି ମହାବାକ୍ୟ ମନେମନେ ହେଜି, ସତ୍ତ୍ୱଗୁଣ ଭଜ ଲୋଭ ମଦ ତେଜି ।
ବଡ଼ କ୍ରୂର କାଳ ବଡ଼ ଅବିଶ୍ୱାସୀ, ହାବୋଡ଼ି ଯିବ ସେ ଆଚମ୍ବିତେ ଆସି ।
ଦୂରବର୍ତ୍ତୀ ଜାଣି କାଳକୁ ଯେ ହସେ, ହସି ସେ ତା ପଛେ ଆସି ଲୁଚି ବସେ ।
ବେଳ ଥାଉଁଥାଉଁ ଅରଜି ଧରମ, ଜନ୍ମ ଅନୁରୂପେ ଦେଖାଅ କରମ ।
ଜନ୍ମଫଳେ ଭବେ ବଡ଼ପଣ ପାଇ, ଧର୍ମଫଳେ ତାକୁ କର ଚିରସ୍ଥାୟୀ ।
ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି, ତରିବାକୁ ଏହି ସଂସାର ବାରିଧି ।
ଧର୍ମ ଏକା ସିନା ମହତପଣିଆ, ଆଉ ବଡ଼ପଣ ଅଢ଼େଇଦିନିଆ ।
ବଡ଼ପଣ ଭାଇ ଏକା ସିନା ସେହି, ଛଡ଼ାଇ ନେଇ ଯା ନ ପାରଇ କେହି ।
ସେହି ବଡ଼ପଣେ ବଳାଅ ମତିକି, କାଳ ନ ପାରିବ ପଶି ଯା କତିକି ।
ସଂସାରର ତ୍ୱକସାର ବଡ଼ପଣ, ଲାଳସାରୁ ନିଅ ବାହୁଡ଼ାଇ ମନ ।
ଉଦାସୀନ ନେତ୍ରେ ଦୁନିଆର ମାନ, ଦେଖିକର ମନ ଧର୍ମେ ଏକତାନ ।
ରାଜଧର୍ମେ ଆତ୍ମ-ତତ୍ତ୍ୱେ ଦେଇ ମତି, ଉଚ୍ଚ ହୋଇ ଲଭ ଉଚ୍ଚତର ଗତି ।